ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/WODC(Od)/1169/01-11-2023**

# ସୂଚନା ଓ ଲୋକସମ୍ପର୍କ ବିଭାଗରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଭୁବନେଶ୍ୱର, ୦୧/୧୧ ୨୦୨୩

ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗରେ ଦୁଇ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଡାଟା ପ୍ରୋସେସିଂ ଅଧିକାରୀ ହେମନ୍ତ କୁମାର ସାହୁ ଓ ଟ୍ରେଜେରୀ ସରକାର ରଥ୍ ଖୁରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଲୋକସମ୍ପର୍କ ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀଯୁକ୍ତ ସରୋଜ କୁମାର ସାମଲ ଦୁଇ ଅଧିକାରୀଙ୍କ ସୁସ୍ଥ ଓ ନିରାମୟ ଅବସରକାଳୀନ ଜୀବନ କାମନା କରିଥିଲେ । ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର ଦୁଇ ଅଧିକାରୀଙ୍କ ସହ ବିତିଥିବା କର୍ମ ଅନୁଭୂତି ବର୍ଣ୍ଣନା କରିଥିଲେ ।

ଏ ଅବସରରେ ନିର୍ଦ୍ଦେଶକ ଶ୍ରୀ ସାମଲ କହିଛନ୍ତି, ଉଭୟଙ୍କ କର୍ମତତ୍ପରତା ଓ ନିଃସ୍ୱାର୍ଥପର ସେବା ମନୋଭାବ ସର୍ବଦା ପ୍ରଶଂସନୀୟ ହୋଇ ରହିବ । ଉଭୟେ ଥିଲେ ବିଭାଗର ଅଭିଜ୍ଞତାସଂପନ୍ନ ଓ ନିଷ୍ଠାପର ଅଧିକାରୀ । ସେମାନଙ୍କ ଅନୁପସ୍ଥିତି ବିଭାଗ ପ୍ରତି ଏକ ବଡ କ୍ଷତି ବୋଲି ଶ୍ରୀ ସାମଲ ମତ ବ୍ୟକ୍ତ କରିଛନ୍ତି ।

ଏହି ଅବସରରେ ଉଭୟ ଅଧିକାରୀ ନିଜର କର୍ମମୟ ଜୀବନର ଅଭିଜ୍ଞତା ବର୍ଣ୍ଣନା କରିବା ସହ ବିଭାଗ ତରଫରୁ ପାଇଥିବା ସ୍ନେହ ଓ ଶ୍ରଦ୍ଧା ପାଇଁ ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ବିଭାଗୀୟ ଅତିରିକ୍ତ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଓ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଦୁଇ ଅଧିକାରୀଙ୍କୁ ଅବସରକାଳୀନ ଜୀବନ ନିମନ୍ତେ ଶୁଭେଚ୍ଛା ଜଣାଇ ତାଙ୍କର ପ୍ରସଂଶା କରିଥିଲେ । ଶେଷରେ ନିର୍ଦ୍ଦେଶକ ଶ୍ରୀ ସାମଲ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଶୁଭକାମନା ଜ୍ଞାପନା କରିଥିଲେ ।

ରୋଜାଲିନ୍ ସାହୁ
ଲୋକସଂପର୍କ ଅଧିକାରୀ